# କୋଭିଡ୍‌ର ସ୍ଥିତି ସମୀକ୍ଷା କଲେ ଜିଲ୍ଲାପାଳ-

## କୋଭିଡ ପରୀକ୍ଷା ଓ ଚଢାଉ କାର୍ଯ୍ୟକୁ ବ୍ୟାପକ କରାଯିବ ।

ଅନୁଗୋଳ,ତା. ୦୮.୧୦:- ଜିଲ୍ଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଏହାର ନିୟନ୍ତ୍ରଣ ନିମନ୍ତେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ନିୟମିତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରୁଛନ୍ତି । ଗତକାଲି ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ରାପିଡ୍ ରେସପନ୍ସ ଟିମ୍ ସଠିକ ସମୟରେ ପହଞ୍ଚୁଛି କି ନାହିଁ ଓ ମୋବାଇଲ ଟେଷ୍ଟିଂ ଟିମକୁ ଆବଶ୍ୟକ ଗାଡି ଯୋଗାଇ ଦେବାକୁ ନେଇ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ତାଲଚେର କୋଭିଡ ହସ୍‌ପିଟାଲରେ ସିସି ଟିଭି ତୁରନ୍ତ ଲଗାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହାଛଡା ଅଳିଆ ଆବର୍ଜନା ଓ ମଇଳା ପାଣିର ତୁରନ୍ତ ନିଷ୍କାସନ କରିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସଫାସୁତୁରା ଓ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ପରାମର୍ଶ ଦେଇଛନ୍ତି । ତାଲଚେର କୋଭିଡ ହସପିଟାଲରେ ରୋଗୀମାନଙ୍କୁ ଯୋଗାଇ ଦିଆଯାଉଥିବା ଖାଦ୍ୟ ପାନୀୟ ଓ ଅନ୍ୟାନ୍ୟ ସାମଗ୍ରୀର ଏକ ବିସ୍ତୃତ ତାଲିକା ପ୍ରସ୍ତୁତ କରି ପ୍ରତି ଶଯ୍ୟା ନିକଟରେ ପ୍ରଦର୍ଶିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଅନୁଗୋଳ,ବଣ୍ଡଁରପାଳ ଓ ତାଲଚେର ଅଞ୍ଚଳରେ କରୋନା ସଂକ୍ରମଣ ଅଧିକ ଥିବାରୁ ସେଠାରେ ବ୍ୟାପକ ଚଢାଉ କରାଯିବା ସହ ନମୁନା ସଂଗ୍ରହକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଗୁରୁତର ଆହତ ରୋଗୀଙ୍କୁ ତୁରନ୍ତ କଟକ କିମ୍ବା ଭୁବନେଶ୍ୱର ହସ୍‌ପିଟାଲକୁ ପଠାଇବାକୁ ପରାମର୍ଶ ଦିଆଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର RTPCR Laboratory କୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ଅଭୟ କୁମାର ଦାଶ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।